# 'ପ୍ରୟୋଗାତ୍ମକ ଗଣିତର ମହାକାଶ ବିଜ୍ଞାନରେ ଉପାଦେୟତା' ଶୀର୍ଷକ ଆଲୋଚନାଚକ୍ର

॥ ପ୍ରଭାନ୍ୟୁଜ ॥ ସାଲେପୁର,୧୬।୩: ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ ଏକ ସେମିନାର "ପ୍ରୟୋଗାତ୍ମକ ଗଣିତର ମହାକାଶ ବିଜ୍ଞାନରେ ଉପାଦେୟତା"ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡଃ ସଂଗୀତା ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଗଣିତର ଉପାଦେୟତା




ସଂପର୍କରେ ଆଲୋଚନା କରିଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଜେନା, ସମ୍ମାନିତ ଅତିଥି ନାସାର ଯୁବ ବୈଜ୍ଞାନିକ ଡଃ ହେମନ୍ତ ଓଝା ଯୋଗଦେଇ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେମିନାରର ବିଷୟବସ୍ତୁକୁ ପ୍ରାଧ୍ୟାପକ ଆଲୋକଚନ୍ଦ୍ର ମହାନ୍ତି ବିଶ୍ଳେଷଣ କରିବାପରେ ଡଃ ହେମନ୍ତ କୁମାର ଓଝାଙ୍କ ଦ୍ୱାରା ମହାକାଶ ବିଜ୍ଞାନରେ ପ୍ରୟୋଗାତ୍ମକ ଗଣିତର ଉପଯୋଗିତା, ସମ୍ଭାବନା ତତ୍ତ୍ୱ ଅତି ସରଳ ଭାବରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଛାତ୍ରୀ ସ୍ମିତିପ୍ରଜ୍ଞା ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ଅଧ୍ୟାପକ ରାଜେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଜୟନ୍ତୀବାଳା ପରିଡା, ପ୍ରାଧ୍ୟାପକ ଡଃ ବିଚିତ୍ରାନନ୍ଦ ଦାଶ, ପ୍ରାଧ୍ୟାପକ ଡଃ ପ୍ରଦ୍ୟୁମ୍ନ ଚୌଧୁରୀ, ପ୍ରାଧ୍ୟାପିକା ଡଃ ସ୍ୱାତୀ ପଣ୍ଡା, ପ୍ରାଧ୍ୟାପକ ଡଃ ଅସିତ୍ କୁମାର ପରିଡା, ଅଧ୍ୟାପକ ଜି. ସତୀଶ କୁମାର, ଅଧ୍ୟାପିକା କୁମାରୀ ଶତାବ୍ଦୀ ବିଶ୍ୱାଳଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମିନାରଟିକୁ ସଫଳ କରାଇଥିଲେ।

ସମ୍ବାଦ

# ସାଲେପୁର କଲେଜ ଗଣିତ ବିଭାଗ ପକ୍ଷରୁ ପାଠଚକ୍ର




ସାଲେପୁର, ୧୬/୩ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ (ୟୁଜିସି) ପାଠଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ହେମନ୍ତ ଓଝା ଯୋଗଦେଇ ଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ ଜେନା ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷା ଡକ୍ଟର ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଓଝାଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ମହାକାଶ ବିଜ୍ଞାନରେ ପ୍ରୟୋଗାତ୍ମକ ଗଣିତର ଉପଯୋଗିତା ସମ୍ପର୍କରେ ପ୍ରାଧ୍ୟାପକ ଆଲୋକ ଚନ୍ଦ୍ର ମହାନ୍ତି ସୁନ୍ଦର ଭାବରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଡା, ଡକ୍ଟର ବିଚିତ୍ରାନନ୍ଦ ଦାଶ, ପ୍ରଦ୍ୟୁମ୍ନ ଚୌଧୁରୀ, ସ୍ୱାତୀ ପଣ୍ଡା, ଅସିତ୍ ପରିଡା, ଜି ସତିଶ କୁମାର, ଶତାବ୍ଦୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସ୍ମିତିପ୍ରଜ୍ଞା ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲା ବେଳେ ରାଜେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

CUTTACK Edition
Page No.16 March 17, 2023